# Akashvani, Sambalpur

## SAMBALPURI NEWS EVENING BULLETIN

## 2 February 2025- 7.02 pm- 7.12 pm.

*******************************************

୧- ସୁଭଦ୍ରା ଯୋଜନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଇ ମାସର୍ ୮ ତାରିଖ୍‌ଥି ଦିଆଯିବା - କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

୨- ଆଏଜ୍ ପବିତ୍ର ଶ୍ରୀପଂଚମୀ ତିଥି ନ ଶିକ୍ଷାନୁଷ୍ଠାନମାନ୍‌କେ ହେଇଛେ ଦେବୀ ସରସ୍ୱତୀଙ୍କର ପୂଜା ।

- ପୁରୀ ନ ମହାପ୍ରଭୁଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ହେଇଛେ ରଥ କାଠ ଅନୁକୂଳ ନୀତି ।

୩- ଦ୍ରବ୍ୟ ଆଉ ସେବାକର- ଜିଏସ୍‌ଟି -ଗଲାମାସେ ୧ ଲାଖ୍ ୯୫ ହଜାର୍ କୋଟି ଟଙ୍କାନୁ ଅଏତ୍‌କା ହେଇଛେ ରାଜସ୍ୱ ସଂଗ୍ରହ ।

ଆଉର୍

୪- ରାଏକେ ତାପମାତ୍ରା ବଢ୍‌ବାର୍ ସହେତେ ଶୀତ୍ କମିଛେ ।

- ଆଏଜ୍ ବଲାଙ୍ଗିର୍ ନ ଦିନର୍ ସବୁନୁ ଜହ ତାତି ୩୬ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ।

ସୁଭଦ୍ରା        ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଇ ମାସର୍ ୮ ତାରିଖ୍‌ତକ୍ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ଇ ଖେପେ ଯାଜ୍‌ପୁର୍ ଜିଲ୍ଲାନୁ ସୁଭଦ୍ରା ସାହାଜ୍ ଟଙ୍କା ଦିଆଯିବା । ଆଏବା କାଏଲ୍ ଆର୍ ପର୍‌ଦିନ ହିତାଧିକାରୀମାନେ ବେଙ୍କ୍ ଯାଇକରି ଏନ୍.ପି.ସି.ଆଇ. ଯାଂଚ୍ କର୍‌ବାର୍‌କେ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍-୧- ଉପମୁଖ୍ୟମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ, ଗଲାବଛର୍ ସେପ୍ଟେମ୍ବର୍ ୧୭ ତାରିଖ୍‌ଥି ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ ହେଇଥିଲା । ଇହାଦେତକ୍ ୮୦ ଲାଖ୍ ହିତାଧିକାରୀ ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ଟଙ୍କା ପାଇସାରିଛନ୍ । ଆଏବା ମାର୍ଚ୍ଚ ମାସ ୮ ତାରିଖ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଦିନ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତି ପହେଲା ଖେପ୍ ଟଙ୍କା ଦିଆଯିବା ବଲି ସର୍‌କାର୍ ଘୋଷ୍‌ନା କରିଛନ୍ ।

ସଂସଦ୍ ନ ନୂଆଁ ଆୟକର୍ ବିଲ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍କାର୍ ଆଏବା ହପ୍ତାଥି ସଂସଦ୍ ନ ନୂଆଁ ଆୟକର୍ ବିଲ୍ ଆନ୍‌ବେ । ନୂଆଁ ଆଇନ୍ ସରଲ୍ ଆର୍ ଟିକସ୍ ବାବଦ୍‌କେ କମାବାର୍‌ଥି ସାହାଜ୍ କର୍‌ବା ବଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଗଲାକାଏଲ୍ ତାଙ୍କର୍ ବଜେଟ୍ ଅଭିଭାଷଣ୍‌ଥି କହିଥିଲେ । ଟିକସ୍‌ଦାତାମାନ୍‌କର୍ ଲାଗି ଇ ନୂଆଁ ଆୟକର୍ ବିଲ୍ ବୁଝ୍‌ବାର୍‌ଟା ସହଜ୍ ହେବା ଆଉ ଇତାର୍ ଜରିଏ ବକେୟା ଟିକସ୍ ହିସାବ୍ କର୍‌ବାର୍ ଆର୍ ଆୟକର୍ ରିଟର୍ଣ୍ଣ ଫାଇଲ୍ କର୍‌ବାର୍‌ଟା ସହଜ୍ ହେବା ବଲି ଅର୍ଥମନ୍ତ୍ରୀ କହିଛନ୍ । ଆୟକର୍ ଆଇନ୍ ୧୯୬୧ ଥି ଭିଲ୍ କେତେଟା ସଂଶୋଧନ୍ କରାଯିବା ବଲି ଶ୍ରୀମତୀ ସୀତାରମଣ୍ ତାଙ୍କର୍ ଅଭିଭାଷଣ୍‌ଥି କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ବଜେଟ୍‌ଥି ୧୨ ଲାଖ୍ ଟଙ୍କାତକ୍ କମାନି ଉପ୍‌ରେ ଟିକସ୍ ଦେବାର୍‌କେ ନାଇଁ ପଡ଼େ ବଲି ଅର୍ଥମନ୍ତ୍ରୀ ଘୋଷ୍‌ନା କରିଛନ୍ ।

ରେଲ୍ ବିଭାଗ୍‌କେ ବଜେଟ୍ ଅନୁମୋଦନ୍ ପି.ଆଇ.ବି.

କେନ୍ଦ୍ର ସର୍କାର୍ ୨୦୨୫-୨୬ ବଜେଟ୍‌ଥି ରେଲ୍‌ମନ୍ତ୍ରଣାଳୟକେ ୨ ଲାଖ୍ ୫୨ ହଜାର୍ କୋଟି ଟଙ୍କା ମଞ୍ଜୁର୍ କରିଛନ୍ ।

ଇତାର୍‌ସହେତେ ଗଲା ଆର୍ଥିକ୍ ବଛ୍‌ରେ ୧୦ ହଜାର୍ କୋଟି ଅତିରିକ୍ତ ଟଙ୍କା ମଞ୍ଜୁର୍ କରିଛନ୍ । ରେଲ୍‌ମନ୍ତ୍ରଣାଲୟକେ ମୋଟ୍ ୨ ଲାଖ୍ ୬୨ ହଜାର୍ କୋଟି ଟଙ୍କା ଅନୁଦାନ୍- ରେଲ୍‌ବାଇ ସହେତେ ଦେଶର୍ ବିକାଶ୍‌ଧାରାକେ ଗତି ଦେବା ଆଉ ବିକଶିତ୍ ଭାରତ୍ ଲକ୍ଷ୍ୟ ପୂରଣ୍ ଦିଗେ ବଡ଼୍ ଭୂମିକା ନେବା ବଲି ରେଲ୍ ଆର୍ ସୂଚନା ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଇ ବଜେଟ୍‌ଥି ରେଲ୍ ମନ୍ତ୍ରଣାଲୟ ସାରା ଦେଶେ ଦ୍ରୁତ, ସୁରକ୍ଷିତ ଆଉ ସୁଗମ୍ ରେଲ୍‌ଯାତ୍ରା ସୁନିଶ୍ଚିତ୍ କରିପାର୍‌ବା । ଆଏବା ୨ ନୁ ୩ ବଛର୍ ଭିତ୍‌ରେ ଦେଶେ ୨ ଶହ ଟା ନୂଆଁ ବନ୍ଦେ ଭାରତ୍ ଟ୍ରେନ୍, ଶହେ ଟା ଅମୃତ୍ ଭାରତ୍ ଟ୍ରେନ୍, ୫୦ ଟା ନମୋ ଭାରତ୍ ରେପିଡ୍ ରେଲ୍ ଆର୍ ୧୭ ହଜାର୍ ୫ ଶହଟା ଜେନେରାଲ୍ କୋଚ୍ ବନେଇପାର୍‌ବା ବଲି ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ବଜେଟ୍ ଅନୁମୋଦନ୍ ଲାଗି ଶ୍ରୀ ବୈଷ୍ଣବ୍ କେନ୍ଦ୍ର ସର୍‌କାର୍‌ଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ଶିକ୍ଷାମନ୍ତ୍ରଣାଲୟକେ ବଜେଟ୍ ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ଇ ବଛର୍ ବଜେଟ୍‌ଥି ଶିକ୍ଷା ମନ୍ତ୍ରଣାଳୟକେ ୧ ଲାଖ୍ ୨୮ ହଜାର୍ ୬ ଶହ ୫୦ କୋଟି ଟଙ୍କା ମଞ୍ଜୁର୍ କରିଛନ୍ । ଯେନ୍‌ଟାକି ଗଲା ଆର୍ଥିକ୍ ବଛର୍‌ଠାନୁ ୬ ଦଶ୍‌ମିକ୍ ୨/୨ ପ୍ରତିଶତ୍ ଅଏତ୍‌କା ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଘରୋଇ କ୍ଷେତ୍ର ଜରିଏ ଗବେଷଣା, ବିକାଶ୍ ଆର୍ ସୃଜନ୍ ଲାଗି ୨୦ ହଜାର୍ କୋଟି ଟଙ୍କା, ଏଆଇ କୌଶଲ୍ କେନ୍ଦ୍ର ଥାପ୍‌ନା ଲାଗି ୫ ଶହ କୋଟି, ସ୍କୁଲ୍ ଶିକ୍ଷା ଆଉ ସାକ୍ଷରତା ବିଭାଗ୍‌କେ ୭୮ ହଜାର୍ ୫ ଶହ ୭୨ କୋଟି, ଉଚ୍ଚଶିକ୍ଷା ବିଭାଗ୍‌କେ ୫୦ ହଜାର୍ ୭୭ କୋଟି ୯୫ ଲାଖ୍, ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ୪୨ ହଜାର୍ ୭ ଶହ ୩୨ କୋଟି ଟଙ୍କା କେନ୍ଦ୍ର ସର୍‌କାର୍ ବଜେଟ୍‌ଥି ମଞ୍ଜୁର୍ କରିଛନ୍ । ଇ ଟଙ୍କା ଦେଶେ ଶିକ୍ଷା ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ସହେତେ ୨୦୪୭ ବିକଶିତ୍ ଭାରତ୍‌ର ଲକ୍ଷ୍ୟକେ ପୂରଣ୍ କର୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

କେନ୍ଦ୍ରୀୟ ଅନୁଦାନ୍ ପି.ଆଇ.ବି.

ଆଏବା ଆର୍ଥିକ୍ ବଛର୍ ୨୦୨୫-୨୬ ଥି କେନ୍ଦ୍ରୀୟ ଟିକସ୍ ବାବ୍‌ଦେ ରାଜ୍ୟକେ ଅଏତ୍‌କା ୯ ହଜାର୍ ଶହେ ୭୬ କୋଟି ଟଙ୍କା ମିଲ୍‌ବା । ସେନ୍ତା କେନ୍ଦ୍ରୀୟ ଅନୁଦାନ୍ ବାବ୍‌ଦେ ରାଜ୍ୟ ୬ ହଜାର୍ ୭ ଶହ ୯୮ କୋଟି ଟଙ୍କା ପାଏବା । ଆଏବା ଆର୍ଥିକ୍ ବଛରେ ଓଡ଼ିଶା କେନ୍ଦ୍ର ସର୍‌କାର୍‌ଙ୍କର୍ ନୁ ୧୫ ହଜାର୍ ୯ ଶହ ୭୪ କୋଟି ଟଙ୍କା ଅଏତ୍‌କା ପାଏବା ବଲି ବଜେଟ୍ ଅନୁଦାନ୍‌ନୁ ଜନାପଡ଼ିଛେ ।

ସରସ୍ୱତୀ ପୂଜା ଆର୍‌ଏନ୍‌ୟୁ/ ସମ୍ବଲପୁର୍

ଆଏଜ୍ ପବିତ୍ର ଶ୍ରୀପଂଚ୍‌ମୀ । ମାଘ୍ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥି ନ ବାଗ୍‌ଦେବୀ ସରସ୍ୱତୀଙ୍କର୍ ପୂଜା ଆରାଧନା କରାଯାଇଛେ । ସରସ୍ୱତୀ ପୂଜା ଲାଗି ଗାଁ ଗହଲ୍‌ନୁ ନେଇକରି ଶିକ୍ଷାନୁଷ୍ଠାନ୍‌ମାନ୍‌କେ ସରସ୍ୱତୀଙ୍କର୍ ପୂଜା କରାଯାଇଛେ । ଆଏଜ୍ ଭିନ୍ ଭିନ୍ ଜାଗା ନ ଛୁଆମାନ୍‌କୁ ପହେଲା କରି ଖଡ଼ି ଛୁଆଁଯାଇଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବସନ୍ତ ପଂଚମୀର ପବିତ୍ର ଉଲ୍‌ଗୁନେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା ଜନେଇଛନ୍ । ଇ ଦିବସ୍‌ର ମହତ୍ୱ ବାବ୍‌ଦେ କହିକରି ରାଷ୍ଟ୍ରପତି ଭାରତ୍‌କେ ବିଶ୍ୱର୍ ଜ୍ଞାନ କେନ୍ଦ୍ର ଭାବେ ପ୍ରତିଷ୍ଠିତ୍ କର୍‌ବାର୍ ଲାଗି ପ୍ରାର୍ଥନା କରିଛନ୍ ।

ଇ ଉଲ୍‌ଗୁନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବସନ୍ତ  ପଂଚମୀ ଆର୍ ସରସ୍ୱତୀ ପୂଜା ଲାଗି ଦେଶ୍‌ବାସୀଙ୍କୁ ଶୁଭକାମନା ଜନେଇଛନ୍ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶ୍ରୀପଂଚମୀ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ମାଁ ସରସ୍ୱତୀଙ୍କର୍ କରୁଣାନୁ ସମ୍‌କର୍ ଜୀବନ୍‌ଥି ଜ୍ଞାନ୍, ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଯାଉ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବୀଣାପାଣି ମାଁ ସରସ୍ୱତୀଙ୍କର ଆର୍ଶିବାଦନୁ ଛାତ୍ରଛାତ୍ରୀମାନ୍‌କର୍ ଜୀବନ୍ ଜ୍ଞାନ୍‌ର ଆଲୋକ୍‌ଥି ଆଲୋକିତ ହେଉ ବଲି କାମନା କରିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସରସ୍ୱତୀ ପୂଜା ଅବ୍‌ସରେ ଶୁଭକାମନା ଜନେଇକରି କହିଛନ୍, ଆଝିରର୍ ଶୁଭଦିନ୍ ଜ୍ଞାନ୍, ବିଦ୍ୟା ଆର୍ କଳାର ଦେବୀ ମା ସରସ୍ୱତୀଙ୍କୁ ସମର୍ପିତ, ଯିଏକି ଆମ୍‌କୁ ସଦ୍‌ବୁଦ୍ଧି, ବିବେକ ଆର୍ ସୃଜନଶୀଳତାର୍ ଆଶିର୍ବାଦ୍ ଦେଇଛନ୍ ।

ଶ୍ରୀ ପଂଚମୀ-ରଥକାଠ ଅନୁକୂଳ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀ ପଂଚମୀ ତିଥି ନ ଆଏଜ୍ ପୁରୀ ନ ମହାପ୍ରଭୁଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ରଥ ବନାବାର୍‌କେ ରଥ କାଠ ଅନୁକୂଳ ହେଇଯାଇଛେ । ମା ସରସ୍ୱତୀଙ୍କର୍ ଠାନେ ପୂଜା ଉତ୍‌ରୁ

ଶ୍ରୀମନ୍ଦିର୍ କାର୍ଯ୍ୟାଲୟ ସାମ୍ନା ନ ରଖାଯାଇଥିବା ତିନ୍ ଖଣ୍ ଧଉରା କାଠକେ ପାରମ୍ପରିକ ପଦ୍ଧତି ଅନ୍‌ସାରେ ରାଜ୍‌ପୁରୋହିତ୍ ଆର୍ ଶ୍ରୋତ୍ରୀୟ ବ୍ରାହ୍ମଣ୍ ମାନେ ପୂଜା କରିଛନ୍ ।

ଜିଏସ୍‌ଟି ସଂଗ୍ରହ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ ଗଲାମାସେ ୧ ଲାଖ୍ ୯୫ ହଜାର୍ ୫ ଶହ ୬ କୋଟି ଟଙ୍କାର୍ ଦ୍ରବ୍ୟ ଆଉ ସେବାକର - ଜିଏସ୍‌ଟି ସଂଗ୍ରହ କରିଛେ । ଇ ବାବ୍‌ଦେ ଅର୍ଥମନ୍ତ୍ରଣାଳୟ ତର୍‌ଫୁ ଜନାପଡ଼ିଛେ । ଗଲାବଛର୍ ଜାନୁଆରୀ ମାସ୍ ତୁଲ୍‌ନାଥି ଇ ବଛର୍ ଜାନୁଆରୀ ମାସେ ୧୨ ଦଶ୍‌ମିକ୍ ୩ ପ୍ରତିଶତ୍ ଅଏତ୍‌କା ଜିଏସ୍‌ଟି ଆଦାୟ ହେଇଛେ । ସେଆଡ଼େ ଗଲା ଜାନୁଆରୀ ମାସେ ରାଏଜ୍ୟୁ ୫ ହଜାର୍ ୩ ଶହ ୩୧ କୋଟି ଟଙ୍କାର୍ ଜିଏସ୍‌ଟି ରାଜସ୍ୱ ସଂଗ୍ରହ କରାଯାଇଥିବାର୍ ବେଲେ ଗଲାବଛର୍ ଜାନୁଆରୀ ମାସେ ଇଟା ୪ ହଜାର୍ ୯ ଶହ ୬୩ କୋଟି ଟଙ୍କା ଥିଲା ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ର ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ହେବା । ଇ

ବାବ୍‌ଦେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବର୍ଣ୍ଣବୋଧର ପୁନଃମୁଦ୍ରିତ ସଂସ୍କରଣ I&PR

ଭକ୍ତକବି ମଧୁସୂଦନ୍ ରାଓଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ ବର୍ଣ୍ଣବୋଧ୍ ପୁସ୍ତକ୍‌ର ଲୋକାର୍ପଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପୁସ୍ତକ୍‌କେ ଉନ୍ମୋଚନ୍ କରିକରି କହିଛନ୍ ଯେ, ପୁର୍‌ନା ବର୍ଣ୍ଣବୋଧର ମୌଳିକତାକେ ନଷ୍ଟ ନାଇଁ କରିକରି ନୂଆଁ ବହିକେ ବୋଧଗମ୍ୟତା ଭିତ୍‌ରେ ରଖାଯାଇଛେ ।

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ନୂଆଁ ବର୍ଣ୍ଣବୋଧ ସହେତେ ଓଡ଼ିଆ ଭାଷା ପ୍ରତିଷ୍ଠାନ୍ ତର୍‌ଫୁ ବାହାରିଥିବା ଆଉ ୩ ଟା ବହି ଭିଲ୍ ଉନ୍ମୋଚିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ୍ ପ୍ରମୁଖ ଯୋଗ୍ ଦେଇଥିଲେ ।

କ୍ଷେପଣାସ୍ତ୍ର ପରୀକ୍ଷଣ୍ ଆର୍‌ଏନ୍‌ୟୁ/ କଟକ୍

ଚାନ୍ଦିପୁର୍ ଠାନେ ଥିବାର୍ କ୍ଷେପଣାସ୍ତ୍ର ଘାଟିନୁ ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭି.ଏସ୍.ଏଚ୍.ଓ. - ଆର୍.ଏ.ଡି.ଏସ୍. କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ ହେଇଛେ । ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ବନା ହେଇଥିବା ଇ କ୍ଷେପଣାସ୍ତ୍ରେ ପ୍ରତିପକ୍ଷର୍ କମ୍ ଉଚ୍ଚାଥି ଜୋର୍‌ସେ ଆସୁଥିବା କ୍ଷେପଣାସ୍ତ୍ରକେ ଭେଦିଥିଲା । ପ୍ରତିରକ୍ଷା ଗବେଷଣା ଆର୍ ବିକାଶ୍ ସଂଗଠନ୍‌ର ମିଲିଥିବା ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ କରାଯାଇଥିବାର୍ ୩ ଟା ପରୀକ୍ଷଣ୍ ସଫଲତାର୍ ସହେତେ ପ୍ରତିପକ୍ଷ କ୍ଷେପଣାସ୍ତ୍ରକେ ଧ୍ୱଂସ କର୍‌ବାର୍‌ଥି ସଫଲ୍ ହେଇଥିଲା । ଭି.ଏସ୍.ଏଚ୍.ଓ. - ଆର୍.ଏ.ଡି.ଏସ୍. କ୍ଷେପଣାସ୍ତ୍ର ଭାରତୀୟ ପ୍ରତିରକ୍ଷା ବାହିନୀର୍ ୩ ଟା ବିଭାଗ୍‌ର ଆବଶ୍ୟକତାକେ ପୁରା କରିପାର୍‌ବା ବଲି ରକ୍ଷା ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ।

ବିଶ୍ୱ ଆଦ୍ରଭୂମି ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଦ୍ରଭୂମି ଆର୍ ଉପକାରିତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଉଦ୍ଦେଶ୍ୟଥି ଫି' ବଛର୍ ଆଜିର୍ ଦିନ୍‌କେ ବିଶ୍ୱ ଆଦ୍ର ଭୂମି ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ଆଜିର୍ ଦିବସ୍‌ର ବାର୍ତା ହେଉଛେ, ଭବିଷ୍ୟତ୍ ଲାଗି ଆଦ୍ର ଭୂମିର ସୁରକ୍ଷା । ଜୈବ ବିବିଧତା ଜଲ୍‌ବାୟୁ ନିୟନ୍ତ୍ରଣ୍ ଆର୍ ମାନବ ସମାଜ୍ ଲାଗି ଆଦ୍ରଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ୨୦୨୧ ସାଲେ ମିଲିତ୍ ଜାତିସଂଘର୍ ସାଧାରଣ୍ ସଭାଥି

ଫେବୃଆରୀ ୨ ତାରିଖ୍‌କେ ବିଶ୍ୱ ଆଦ୍ରଭୂମି ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ କମିଛେ । ଆଏଜ୍ ରାଜ୍ୟର୍ ଗୁଟେ ଜୁଡ଼େ ଜାଗାକେ ଛାଡ଼ିକରି ବାକି ଜାଗାମାନ୍‌କେ ଦିନର୍ ସବୁନୁ ଜହ ତାପମାତ୍ରା ୩୦ ଡିଗ୍ରୀ ଉପ୍‌ରେ ଥିଲା । ବଲାଙ୍ଗିର ନ ସବୁନୁ ଅଏତ୍‌କା ୩୬ ଦଶ୍‌ମିକ୍ ୭ ଡିଗ୍ରୀ ରେକର୍ଡ଼ କରାଯାଇଛେ । ଆଏବା ହପ୍ତା ରାଏଜେ ପାଗ୍ ଶୁଖା ରହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ନୂଆପଡ଼ା ଜିଲ୍ଲା ନ ଆଏବା ହପ୍ତା ତାପମାତ୍ରା ୩୦ ନୁ ୩୪ ଡିଗ୍ରୀ ଭିତ୍‌ରେ ରହେବା ।